# ଜିଲ୍ଲା ସ୍ତରୀୟ ଜାତୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପ୍ରଶମନ ଦିବସ ପାଳିତ ।

## District level National Day for Disaster Reduction programme.

ଅନୁଗୋଳ,ତା.୨୯.୧୦: - ଜିଲ୍ଲା ସ୍ତରୀୟ ଜାତୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପ୍ରଶମନ ଦିବସ ଆଜି ଅନୁଗୋଳରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ୧୯୯୯ ମହାବାତ୍ୟା ସମୟରେ ନିଜେ ଦାୟିତ୍ୱ ନିର୍ବାହ କରିଥିବାର ଅନୁଭୂତି ବଖାଣି ଥିଲେ । ବିପର୍ଯ୍ୟୟ ପରିଚାଳନାରେ ଆମ ରାଜ୍ୟ ବିଶ୍ୱରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି ଏବଂ ମିଳିତ ଜାତିସଂଘ ଦ୍ୱାରା ଆମ ରାଜ୍ୟ ପ୍ରଶଂସିତ ହୋଇଛି । ଅତିତରେ ଆମେ ହୁଡହୁଡ,ଫାଇଲିନ୍ ଓ ତିତିଲିର ସଠିକ ମୁକାବିଲା କରି ଲୋକମାନଂକର ଧନଜୀବନ ସୁରକ୍ଷା କରିବାରେ ସକ୍ଷମ ହୋଇପାରିଛୁ । ବିପର୍ଯ୍ୟୟ ପୂର୍ବରୁ ସତର୍କତା ଅବଲମ୍ବନ କରିବା ସହ ଏହାକୁ ଅନ୍ୟମାନଂକ ମଧ୍ୟରେ ପ୍ରଚାର ଓ ପ୍ରସାର କରି ସଚେତନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ମୁକାବିଲା , ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିକୁ ନିୟନ୍ତ୍ରଣ କରିବା ତଥା ସଜାଗ ଓ ସଚେତନ ରହିଲେ ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ମୁକାବିଲା କରିହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ସଭାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସରକାରଂକ ଦ୍ୱାରା ଉପଲବ୍ଧ ବ୍ୟବସ୍ଥାକୁ ସଠିକ ଭାବେ କାର୍ଯ୍ୟକାରୀ କରି ବିପର୍ଯ୍ୟୟର ମୁକାବିଲା କରିବା ସହ ମୃତ୍ୟୁ ସଂଖ୍ୟା ଯେପରି ଶୂନ୍ୟରେ ରହିବ ସେଥି ନିମନ୍ତେ ସମସ୍ତେ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ବିପର୍ଯ୍ୟୟ ସମୟରେ ଆଗୁଆ ସତର୍କ ଓ ସଜାଗ ରହିବା ସହ ନିଜର ମାନସିକ ସ୍ଥିତିରେ ପରିବର୍ତ୍ତନ ଆଣି ଏହାର ସଠିକ ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ । ଡେପୁଟୀ କଲେକ୍ଟର ଶ୍ରୀ ବଇତୁରା ଦିପ୍ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ । ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ପ୍ରଦୋଶ କୁମାର ଶତପଥି ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଗ୍ନିଶମ ଅଧିକାରୀ ଶ୍ରୀ ସର୍ବେଶ୍ୱର ବରାଳ ଓ ତାଂକ ବିଭାଗର କର୍ମଚାରୀମାନଂକ ଦ୍ୱାରା ସୁ ଉଚ୍ଚ ଅଟ୍ଟାଳିକା ଉପରୁ ଅଗ୍ନି ବିପନ୍ନମାନଂକୁ ଉଦ୍ଧାର କରିବାର କୌଶଳ ମକ୍ ଡ୍ରିଲ ମାଧ୍ୟମରେ ଉପସ୍ଥିତ ଛାତ୍ର ଛାତ୍ରୀମାନଂକୁ ଦେଖାଇଥିଲେ । ସକାଳେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଂକୁ ନେଇ ଆୟୋଜିତ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହାଛଡା ଏହି ଦିବସ ପାଳନ ଉପଲକ୍ଷେ କଲେଜ ଓ ହାଇସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରବନ୍ଧ,ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ପତିତପାବନ ଦେବତା,ଜିଲ୍ଲା ପଞ୍ଚାୟତ ଅଧିକାରୀ ଶ୍ରୀ ଗୁରୁଭା ସିଂଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ ।


ଜନ ସଚେତନତା ପଦ ଯାତ୍ରା
ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ - ୨୦୧୯
(ବିଷୟ : ବିପର୍ଯ୍ୟୟ ପ୍ରତିରୋଧ ନିମନ୍ତେ ସମୁଦାୟ ସଶକ୍ତିକରଣ) ତା - ୨୯ ଅକ୍ଟୋବର ୨୦୧୯
ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଅନୁଗୋଳ


ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ
ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ - ୨୦୧୯
(ବିଷୟ : ବିପର୍ଯ୍ୟୟ ପ୍ରତିରୋଧ ନିମନ୍ତେ ସମୁଦାୟ ସଶକ୍ତିକରଣ)
ସ୍ଥାନ - ଜିଲ୍ଲା ପରିଷଦ ହଲ୍, ଅନୁଗୋଳ
ତା - ୨୯ ଅକ୍ଟୋବର ୨୦୧୯
ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଅନୁଗୋଳ



